ପ୍ରଥମ ପୃଷ୍ଠାରୁ...

କୃଷି ଆଇନରେ...

ଆଟର୍ଣ୍ଣି ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠନ କରାଯାଇଥିବା ବିଶେଷଜ୍ଞ କମିଟିକୁ ଆନ୍ଦୋଳନକାରୀ କୃଷକନେତାମାନେ ଅଗ୍ରାହ୍ୟ କରିଛନ୍ତି । କୃଷକ ନେତାମାନେ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କମିଟିର ୪ଜଣଯାକ ସଦସ୍ୟ ନୂଆ କୃଷି ଆଇନର ସମର୍ଥକ ଭାବେ ପରିଚିତ । ସେମାନଙ୍କ ମଧ୍ୟରୁ ଅଶୋକ ଗୁଲାଟି ଓ ଡାକ୍ତର ପ୍ରମୋଦ ଯୋଷୀ କୃଷି ଅର୍ଥନୀତିଜ୍ଞ ହୋଇଥିଲା ବେଳେ ଭୁପିନ୍ଦର ସିଂ ମାନ୍ ଓ ଅନିଲ ଘନୱାତ କୃଷକନେତା । ଏହି ୪ ଜଣ ସଦସ୍ୟ ପୂର୍ବରୁ କୃଷି ଆଇନକୁ ସମର୍ଥନ କରିଥିବାର ପ୍ରମାଣ ରହିଛି ବୋଲି ଆନ୍ଦୋଳନକାରୀ ନେତାମାନେ ଅଭିଯୋଗ କରି ଏହି କମିଟି ଆଗରେ ମତ ନରଖିବାକୁ ଘୋଷଣା କରିଛନ୍ତି ।

ଓଡ଼ିଶାରେ...

ନେଇପାରିବେ ଏବଂ କୋଭାକ୍ସିନ୍‌ର ଗୋଟିଏ ଭାୟାଲ୍‌ରେ ୨୦ ଜଣ ଟିକା ନେଇପାରିବେ । ରାଜ୍ୟ ଭ୍ୟାକ୍ସିନ୍ ଷ୍ଟୋରରେ ବର୍ତ୍ତମାନ ଯେତିକି ଟିକା ଉପଲବ୍ଧ ରହିଛି, ସେଥିରୁ ୫୦% ଟିକା ରାଜ୍ୟର ସମସ୍ତ ଟିକାକରଣ କେନ୍ଦ୍ରକୁ ପଠାଯିବ । ଆଉ ବାକି ୫୦% ଟିକା ପରବର୍ତ୍ତୀ ଡୋଜ୍ ଟିକାକରଣ ସମୟରେ ପଠାଯିବ । ଟିକା ନେଉଥିବା ବ୍ୟକ୍ତି କେବଳ ଗୋଟିଏ କମ୍ପାନୀର ଦୁଇଟିଯାକ ଡୋଜ୍ ଗ୍ରହଣ କରିବେ । ଅର୍ଥାତ୍ ଜଣେ ବ୍ୟକ୍ତି ପ୍ରଥମ ଡୋଜ୍ ନେଲା ପରେ ସେହି ବ୍ୟକ୍ତି ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ଟିକା ନେବେ । ଏହାବ୍ୟତୀତ କେନ୍ଦ୍ର ସରକାରଙ୍କ ଟିକା ଯୋଗାଣ ଅନୁଯାୟୀ ୩୦ଜିଲ୍ଲାରେ କୋଭିସିଲ୍ଡ ଟିକା ପ୍ରଦାନ କରାଯିବ । ଆଉ କେବଳ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କୋଭାକ୍ସିନ୍ ଟିକା ଦିଆଯିବ । ଯେଉଁ ଜିଲ୍ଲାରେ ଯେତିକି ସ୍ୱାସ୍ଥ୍ୟ କର୍ମଚାରୀ ରେଜିଷ୍ଟ୍ରେସନ୍ କରିଛନ୍ତି, ସେତିକି ମାତ୍ରାରେ ଟିକା ପଠାଯିବ । ଓଡ଼ିଶାକୁ ଯେତିକି ଟିକା ଆସିଛି, ସେଥିରେ ପ୍ରଥମେ ୧ଲକ୍ଷ ୯୦ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ । ବୟସ୍କ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ପ୍ରଦାନରେ ପ୍ରାଥମିକତା ଦିଆଯିବ । ଯେଉଁମାନଙ୍କୁ ଟିକା ଦିଆଯିବ, ସେମାନଙ୍କ ପାଖକୁ ମେସେଜ୍ ଯିବ । ରାଜ୍ୟରେ ଯେଉଁ ସବୁ ଜିଲ୍ଲାରେ କୋଭିଡ୍ ସ୍ଥିତି ସଙ୍ଗିନ ଥିଲା, ସେ ସ୍ଥାନକୁ ଗୁରୁତ୍ୱ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ଆସନ୍ତା ୧୬ ତାରିଖରୁ ରାଜ୍ୟରେ କୋଭିଡ୍ ଟିକାକରଣ ଆରମ୍ଭ ହେବ । ଏଥିପାଇଁ ରାଜ୍ୟରେ ୧୬୦ଟି ଟିକାଦାନ କେନ୍ଦ୍ର ଚିହ୍ନଟ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ କେବଳ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ । ଟିକାଦାନ ସମୟରେ କ୍ୟାପିଟାଲ ହସ୍ପିଟାଲ ଓ ସୁନ୍ଦରଗଡ଼ ଜିଲ୍ଲା ସଦର ମହକୁମାର ହସ୍ପିଟାଲରେ ତଥ୍ୟ ସରବରାହ ପାଇଁ ଭିଡିଓ କନଫେରେନ୍ସିଂ ବ୍ୟବସ୍ଥା କରାଯାଇଛି । ଫଳରେ ଟିକା ଓ ଟିକା ନେଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ କେନ୍ଦ୍ର ସରକାର ସୂଚନା ପାଇପାରିବେ । କୋଭିଡ୍ ଟିକାକରଣ ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ୩୦ ଜିଲ୍ଲା ବାଦ୍ ୫ ମହାନଗର ନିଗମରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରତି ଟିକାଦାନ କେନ୍ଦ୍ରରେ ୧୦୦ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ । ସବୁ ଟିକାଦାନ କେନ୍ଦ୍ରରେ ଏଇଏଫ୍‌ଆଇ କିଟ୍ ମହଜୁଦ ରହିବ । ଟିକା ନେବା ପରେ କୌଣସି ବ୍ୟକ୍ତିଙ୍କ ଯଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦିଏ ତା'ହେଲେ ଏଇଏଫ୍‌ଆଇ କିଟ୍‌ରେ ଥିବା ଇଞ୍ଜେକସନ୍ ଦିଆଯିବ । ଟିକାକରଣର ସୁପରିଚାଳନା ପାଇଁ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି । ଜିଲ୍ଲାସ୍ତରୀୟ କମିଟି ମଧ୍ୟ ଜିଲ୍ଲାରେ ଟିକାର ସୁପରିଚାଳନାର ନିରୀକ୍ଷଣ କରିବାକୁ କୁହାଯାଇଛି । କୋଭିଡ୍ ଟିକାକରଣ ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

୧୪ ସୁଦ୍ଧା...

ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଡୋଜ୍ ପିଛା ୨୦୦ ଟଙ୍କାରେ ୧୧୦ ଲକ୍ଷ କୋଭିସିଲ୍ଡ ଟିକା ଅଣାଯାଉଛି । ସେହିପରି ଭାରତ ବାୟୋଟେକ୍ ଠାରୁ ଅଣାଯାଉଥିବା ୫୫ ଲକ୍ଷ କୋଭାକ୍ସିନ୍ ଡୋଜ୍‌ରୁ ୧୬.୫ ଲକ୍ଷ ଡୋଜ୍ ମାଗଣାରେ ଯୋଗାଇ ଦିଆଯିବ । ଅବଶିଷ୍ଟ ୩୮.୫ ଲକ୍ଷ କୋଭାକ୍ସିନ୍ ଡୋଜ୍ ୨୯୫ ଟଙ୍କା ଦରରେ ଅଣାଯାଉଛି । ଏହା ଫଳରେ କୋଭାକ୍ସିନ ଟିକାର ହାରାହାରି ଦର ୨୦୬ ଟଙ୍କା ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଆହୁରି କହିଛନ୍ତି, ମଙ୍ଗଳବାର ସୁଦ୍ଧା ୫୪ ଲକ୍ଷ ୭୨ ହଜାର ଡୋଜ୍ ବିଭିନ୍ନ ଟିକା ଷ୍ଟୋରରେ ପହଞ୍ଚିଛି । ଆସନ୍ତା ୧୪ ତାରିଖ ସୁଦ୍ଧା ଶତ ପ୍ରତିଶତ କୋଭିଡ୍ ଟିକା ପହଞ୍ଚିଯିବ । ମଙ୍ଗଳବାର ଦିଲ୍ଲୀ ଓ ଅହମ୍ମଦାବାଦରେ ପ୍ରଥମ ପର୍ଯ୍ୟାୟ କୋଭିସିଲ୍ଡ ଟିକା ପହଞ୍ଚିଯାଇଛି । ପୁନେ ସ୍ଥିତ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ କୋଭିଡ୍ ଟିକା ବିମାନ ଯୋଗେ ପଠାଯାଇଛି । ପୁନେରୁ କୋଭିଡ୍ ଟିକା ଧରି ସ୍ପାଇସ୍ ଜେଟ୍‌ର ଏକ ବିମାନ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଦିଲ୍ଲୀ ଏୟାରପୋର୍ଟରେ ପହଞ୍ଚିଥିଲା ବୋଲି କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି ।

୬ ଡିଗ୍ରୀ...

ହରିୟାନାରେ ତାପମାତ୍ରା ଅଧିକ ରହୁଛି । ଫଳରେ ଉତ୍ତରା ପବନ ଓଡ଼ିଶାକୁ ପ୍ରବାହରେ ବାଧା ସୃଷ୍ଟିହେଉଛି । ଏହି ଉତ୍ତରା ଥଣ୍ଡା ଓ ଶୁଷ୍କ ପବନ ରାଜ୍ୟରେ ଥଣ୍ଡା ଓ ଶୀତର କାରଣ ହୋଇଥିବାବେଳେ ଏହାର ପ୍ରବାହ ବନ୍ଦ ଯୋଗୁଁ ରାଜ୍ୟର ତାପମାତ୍ରା ଶୀତ ଦିନରେ ବି ବଢ଼ିଚାଲିଛି । ଖାଲି ଓଡ଼ିଶା ନୁହେଁ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ, ପଶ୍ଚିମବଙ୍ଗ ଓ ତେଲେଙ୍ଗାନାରେ ମଧ୍ୟ ତାପମାତ୍ରା ଅଧିକ ରହିଛି । କିଛି କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହିଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । ହେଲେ ଆସନ୍ତା ୨ରୁ ୩ ଦିନ ଗୁରୁଚାପ ବଳୟ କର୍ଣ୍ଣାଟକ, ମହାରାଷ୍ଟ୍ର ଉପରକୁ ଆସିବା ପରେ ରାଜ୍ୟକୁ ଉତ୍ତରା ପବନ ସିଧାସଳଖ ବହିବ ବୋଲି ବିଶେଷଜ୍ଞମାନେ ମତ ରଖୁଛନ୍ତି । ତେବେ ମଙ୍ଗଳବାର ୧୨.୫ ଡିଗ୍ରୀ ସହ ଫୁଲବାଣୀ ଓଡ଼ିଶାର ଥଣ୍ଡା ସହର ହୋଇଛି । ଏହାବ୍ୟତୀତ ଅନ୍ୟ ସହରଗୁଡ଼ିକରେ ତାପାମାତ୍ରା ପ୍ରାୟ ସମାନ ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ସୂଚନା ମିଳିଛି ।

ପ୍ରସେସନ୍...

ତେବେ ଡିସେମ୍ବର ୩୧ ତାରିଖରେ ମଧ୍ୟ ନୂଆ ବର୍ଷ ପାଳନକୁ ଆଖି ଆଗରେ ରଖି ନୂଆ ଗାଇଡ୍‌ଲାଇନ୍ ଜାରି କରିଥିଲେ ରାଜ୍ୟ ସରକାର । ଏଥିରେ ବିବାହ ଉତ୍ସବ ସମ୍ପର୍କରେ ମଧ୍ୟ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା । ଏହି ଗାଇଡ୍‌ଲାଇନ୍‌ରେ ବିବାହ ଉତ୍ସବ ପାଇଁ ୨୦୦ ଲୋକଙ୍କୁ ଅନୁମତି ମିଳିଥିଲା ଓ ଅନ୍ତେଷ୍ଟିକ୍ରିୟା ପାଇଁ ୧୦୦ ଲୋକଙ୍କୁ ଏକାଠି ହେବାକୁ ଅନୁମତି ଦିଆଯାଇଥିଲା ।

ମାଟ୍ରିକ୍ ପରୀକ୍ଷା...

ତଥା ପାଠ୍ୟକ୍ରମରେ ବିଭିନ୍ନ ବିଷୟରେ ଥିବା ସନ୍ଦେହକୁ ଦୂର କରିବା ପାଇଁ କ୍ଲାସ କରାଯାଉଛି । କରୋନା ଯୋଗୁ ବହୁ ଲୋକଙ୍କ ଜୀବନଜୀବିକା ମଧ୍ୟ ପ୍ରଭାବିତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କର ଏହି ନିଷ୍ପତ୍ତି ଫଳରେ ଅର୍ଥାଭାବରୁ କୌଣସି ପିଲା ପରୀକ୍ଷା ଦେବାରୁ ବଞ୍ଚିତ ହେବେନାହିଁ । ଉଲ୍ଲେଖନୀୟ ଯେ ମାଟ୍ରିକ୍ ପରୀକ୍ଷା ଫି' ଛାଡ଼ କରିବାକୁ ବିଜୁ ଛାତ୍ର ଜନତାଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । କୋଭିଡ୍ ମହାମାରୀ ଯୋଗୁ ଅଧିକାଂଶ ଛାତ୍ରଛାତ୍ରୀଙ୍କ ଅଭିଭାବକ ଏବର୍ଷ ନିଜ ପିଲାଙ୍କ ବୋର୍ଡ ପରୀକ୍ଷା ଫି' ଦାଖଲ କରିବା ଅବସ୍ଥାରେ ନାହାନ୍ତି । ଏଥିଯୋଗୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ଫର୍ମ ପୂରଣ କରିବାରୁ ବଞ୍ଚିତ ହେବାର ଆଶଙ୍କା ରହିଛି । ଏଣୁ ଏ ଦିଗରେ ବିଚାର କରିବାକୁ ଶ୍ରୀ ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

ବିଶ୍ୱସ୍ତରୀୟ...

ସମୁଦ୍ରର କୂଳେ କୂଳେ କାଠରେ ନିର୍ମିତ ଚଲାପଥ, ମୁକ୍ତ ରଙ୍ଗମଞ୍ଚ, ଛୋଟ ପିଲାଙ୍କ ଖେଳ ପାଇଁ ସ୍ୱତନ୍ତ୍ର ଅଞ୍ଚଳ, ସୂର୍ଯ୍ୟୋଦୟ ଦେଖିବା ପାଇଁ ମଞ୍ଚ, ଦୁଃସାହସିକ ଜଳ କ୍ରୀଡା ଆଦି ଅତ୍ୟାଧୁନିକ ସୁବିଧା ସେହି ସବୁ ସ୍ଥାନମାନଙ୍କରେ ଉପଲବ୍ଧ ହେବ । ବିଦେଶୀ ପର୍ଯ୍ୟଟକ କିଭଳି ଅଧିକ ସଂଖ୍ୟାରେ ଚନ୍ଦ୍ରଭାଗା ଓ ତଳସାରୀ ବେଳାଭୂମିକୁ ଆସିବେ ସେଥିପାଇଁ ସବୁ ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଇଛି । ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଉଭୟ ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ପର୍ଯ୍ୟଟକ ଗାଧୋଇବା ବେଳେ ଭାସି ନଯିବା ପାଇଁ ଲାଇଫ୍ ଗାର୍ଡମାନଙ୍କୁ ମୁତୟନ କରାଯିବ । ଏସବୁର ନିୟମିତ ତଦାରଖ ବ୍ୟବସ୍ଥା ମଧ୍ୟ ହେବ । ବେଳାଭୂମିରେ ଆଧୁନିକ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ବି ରହିବ । ବାଲି ସୁରକ୍ଷା ବ୍ୟବସ୍ଥା ଓ ରଙ୍ଗବେରଙ୍ଗର ଆଲୋକର ସୁବିଧା ରହିବ । ଏଥିପାଇଁ ସ୍ଥାନୀୟ ଲୋକଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରାଯିବ । ପୁରୀ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ମାନ୍ୟତା ମିଳିଛି । ଆଗାମୀ ଦୁଇ ବର୍ଷ ଭିତରେ ପୁରୀ ଜିଲ୍ଲାରେ ଥିବା ପୀର ଜାହାନିଆ, ନିଳାଦ୍ରୀ ଓ ମୁହାଣ ବେଳାଭୂମି ଏବଂ ଗଞ୍ଜାମ ଜିଲ୍ଲାରେ ଥିବା ହରିପୁର ଓ ପତିସୋନପୁର ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ବେଳାଭୂମି ଭାବେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ ଜେନା, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ମୋନା ଶର୍ମାଙ୍କ ସମେତ ପର୍ଯ୍ୟଟନ ସଚିବ ବିଶାଲ ଦେବ ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ପ୍ରମୁଖ ଉପସ୍ଥିତ ଥିଲେ ।

'ମୋ ସ୍କୁଲ ଅଭିଯାନ' ସମନ୍ୱୟ ଅଭାବରୁ ମିଳୁନି ଆଶାନୁରୂପ ସଫଳତା

ନିମାପଡ଼ା,୧୨।୧/ଏନ୍‌ଏନ୍‌ଏସ୍: 'ମୋ ସ୍କୁଲ' ଅଭିଯାନରେ ନିମାପଡ଼ା ଶିକ୍ଷା ମଣ୍ଡଳରେ ବିଦ୍ୟାଳୟ ସହିତ ପୁରାତନ ବିଦ୍ୟାର୍ଥୀମାନଙ୍କର ସମନ୍ୱୟ ଅଭାବ ଯୋଗୁଁ ଅଭିଯାନରେ ଏ ଯାଏଁ ଯଥେଷ୍ଟ ଅଗ୍ରଗତି ହୋଇପାରିନାହିଁ । ନଭେମ୍ବର ୧୪ ତାରିଖ ୨୦୧୭ରେ ରାଜ୍ୟ ସରକାର ଏହି ଯୋଜନା ପ୍ରଥମେ ଉଚ୍ଚ ବିଦ୍ୟାଳୟମାନଙ୍କ ପାଇଁ ଆରମ୍ଭ କରିଥିବା ବେଳେ ଏବେ ସେଥିରେ ଏଲିମେଣ୍ଟାରୀ ସ୍କୁଲଗୁଡ଼ିକ ସାମିଲ ହୋଇ ସାରିଛି । ପ୍ରତି ବିଦ୍ୟାଳୟରେ ଆଲୁମିନି କମିଟି ଗଠନ କରି ପୁରାତନ ବିଦ୍ୟାର୍ଥୀମାନଙ୍କର ମୋଟ ସହାୟତା ରାଶିର ୨ଗୁଣ ଅଧିକ ଅର୍ଥ ରାଜ୍ୟ ସରକାର ପ୍ରଦାନ କରୁଛନ୍ତି । ଏହାଦ୍ୱାରା ବିଦ୍ୟାଳୟଗୁଡ଼ିକର ବିକାଶ ହେବା ଲକ୍ଷ୍ୟ ରହିଛି । ତେବେ ନିମାପଡ଼ା ଶିକ୍ଷା ମଣ୍ଡଳ ଅଧୀନରେ ୨୩୭ ଏଲିମେଣ୍ଟାରୀ ଓ ୪୮ ସେକେଣ୍ଡାରୀ ସ୍କୁଲକୁ ମିଶାଇ ମୋଟ ୨୮୫ଟି ସରକାରୀ ବିଦ୍ୟାଳୟ ଚାଲିଥିବା ବେଳେ ୨୦୨୦ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ଏହି ଅଭିଯାନରେ ମାତ୍ର ୬୨ଟି ସ୍କୁଲ ସାମିଲ ହୋଇଥିବା ସୂଚନା ମିଳିଛି । ଏଥିରେ ପୁଣି ମାତ୍ର ୧୧୪୭ ପୁରାତନ ବିଦ୍ୟାର୍ଥୀ ସାମିଲ ହୋଇଛନ୍ତି । ଯେଉଁଥିରେ ୧୪ଲକ୍ଷ ୪୭ ହଜାର ୬୪୩ ଟଙ୍କା ସହାୟତା ମିଳିଛି । ବିଦ୍ୟାଳୟ ଏବଂ ପୁରାତନ ବିଦ୍ୟାର୍ଥୀଙ୍କ ମଧ୍ୟରେ ଯୋଗାଯୋଗ ଅଭାବ ଏବଂ ଏହି ଅଭିଯାନକୁ ନେଇ ଯଥେଷ୍ଟ ସଚେତନତା ନଥିବାରୁ ନିମାପଡ଼ାରେ ଏତେ କମ୍ ସଂଖ୍ୟକ ପୁରାତନ ବିଦ୍ୟାର୍ଥୀ ଏଥିରେ ସାମିଲ ହୋଇଥିବା ଜଣାପଡ଼ିଛି । ସର୍ବାଧିକ ସହଭାଗିତାରେ ଭିଲ୍ଲିଗ୍ରାମ ସ୍କୁଲର ରାଜକିଶୋର ସେନାପତି ୯୦ ହଜାର, ଦହିଜଙ୍ଗର ବିପିନ୍ ସାହୁ, ସୌଭାଗ୍ୟ ପଣ୍ଡା, କୈଳାସ ପ୍ରଧାନ ପ୍ରତ୍ୟେକ ୧୦ ହଜାର, ଦିଘାଲୋର କୈଳାସ ସାହୁ ୨୦ ହଜାର, ଦୁର୍ଗାଚରଣ ମୁରୁଡ଼ି ୧୦ ହଜାର, ଅନ୍ନପୂର୍ଣ୍ଣା ବିଦ୍ୟାପୀଠର ସୁବାସ ମହାନ୍ତି ୧୦ ହଜାର, ସତ୍ୟଜିତ୍ ମହାପାତ୍ର ୨୦ ହଜାର, ଆମ୍ପୋରର ପ୍ରଭାତ ମହାପାତ୍ର ୧୭ ହଜାର, ବନ୍ତୁଗ୍ରାମର ଗଙ୍ଗାଧର ସେନାପତି ୨୫ ହଜାର, ଛଣିଜଙ୍ଗ ଉ.ପ୍ରା.ର ପ୍ରଫୁଲ୍ଲ ବରାଳ ୯ ହଜାର, ଭର୍ଣ୍ଣି ଗ୍ରାମର ଡ. ଚନ୍ଦନ ରାଉଳ ୧୦ ହଜାର, ସାଇଲୋର ଶାନ୍ତନୁ ବାରିକ ୧୦ ହଜାର, ଜ୍ୟୋତି ପ୍ରକାଶ ସେଠୀ ୩୦ ହଜାର, ସୁଶାନ୍ତ ନାୟକ ୧୦ ହଜାର, ଭଦ୍ର ନୋଡାଲ ର ଆର୍ତ୍ତତ୍ରାଣ ସାହୁ ୨୦ ହଜାର, ପ୍ରଶାନ୍ତ ପାତ୍ର ୨୨ ହଜାର ୨୨୦ ଟଙ୍କା ଅର୍ଥ ପ୍ରଦାନ କରିଛନ୍ତି । ବିଦ୍ୟାଳୟଗୁଡ଼ିକ ମଧ୍ୟରେ ଦହିଜଙ୍ଗ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଲିଙ୍ଗରାଜ ଖଟୋଇ ମାତ୍ର ୧ମାସ ସମୟ ମଧ୍ୟରେ ୮୧ ଜଣ ପୁରାତନ ବିଦ୍ୟାର୍ଥୀଙ୍କ ଠାରୁ ୧ଲକ୍ଷ ୫୭ ହଜାର ୨୬୧ ଟଙ୍କା ସଂଗ୍ରହ କରି ଉଚ୍ଚ ପ୍ରଶଂସିତ ହୋଇପାରିଛନ୍ତି । ବିଷ୍ଣୁପୁର ବିଦ୍ୟାଳୟର କେତେକ ଆଲୁମିନି ମଧ୍ୟ ସେମାନଙ୍କର ଗଭୀର ଆନ୍ତରିକତା ଦେଖାଇ ଅଭିଯାନରେ ସାମିଲ ହୋଇଛନ୍ତି । ତେବେ ସ୍ଥାନୀୟ ଅଞ୍ଚଳରେ ଏହି ଅଭିଯାନ ସମ୍ପର୍କରେ ସଚେତନ କରାଯାଇ ପାରିଲେ ଅଭିଯାନ ସଫଳ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି । ପ୍ରତ୍ୟେକ ବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ ଉଚ୍ଚ ସ୍ଥାନରେ ଅବସ୍ଥାପିତ ହେବା ସହିତ ଅନେକ ବ୍ୟକ୍ତି ସ୍ୱଚ୍ଛଳ ଅବସ୍ଥାରେ ରହିଥିବାରୁ ଏହି ଅଭିଯାନରେ ସାମିଲ ହୋଇ ନିଜ ନିଜର ବିଦ୍ୟାଳୟ ଗୁଡ଼ିକର ଭିତିଭୂମି ବିକାଶ ଦିଗରେ ସହାୟକ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି । ନୂତନ କରି ଯୋଗଦାନ କରିଥିବା ମଣ୍ଡଳ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥଙ୍କ ସହିତ ଏ ସମ୍ପର୍କରେ ଯୋଗାଯୋଗ କରାଯିବା ପରେ ଏ ନେଇ ସେ ଜୋରଦାର ଉଦ୍ୟମ ଜାରି ରଖିଥିବା ମତ ଦେଇଛନ୍ତି ।

ବିଜେପିର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର

କଣ୍ଟିଲୋ,୧୨।୧/ଏନ୍‌ଏନ୍‌ଏସ୍ : ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣ୍ଟିଲୋ ଓ କରବର ମଣ୍ଡଳ ବିଜେପିର ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ମା' ନାରାୟଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବିଜେପି ମହିଳା ନେତ୍ରୀ ଇ. ଅର୍ଚ୍ଚନା ଦାଶଙ୍କ ଆୟୋଜନରେ ଅନୁଷ୍ଠିତ ଶିବିରରେ କରବର ମଣ୍ଡଳ ସଭାପତି ସୁନୋଜ ଧଳ ଓ କଣ୍ଟିଲୋ ମଣ୍ଡଳ ସଭାପତି ହିମାଂଶୁ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରଶିକ୍ଷକ ଭାବେ ଜିଲ୍ଲା ପ୍ରଭାରୀ ନିରଞ୍ଜନ ମିଶ୍ର, ଚନ୍ଦ୍ର ବିଜୟୀ ମିଶ୍ର, ସନ୍ତୋଷ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ପ୍ରସନ୍ନ ଦାଶ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ହରିହର ଦାଶ, ମନମୋହନ ସାମନ୍ତରାୟ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଭାଜପାର କାର୍ଯ୍ୟଶୈଳୀ ଉପରେ ବିଚାରଧାରା ପ୍ରତିପାଦନ କରିଥିଲେ । ଜିଲ୍ଲା ପ୍ରଭାରୀ ଶ୍ରୀ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂପାଦନ କରାଯାଇଥିଲା ।

ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ

ନରସିଂହପୁର,୧୨।୧/ଏନ୍‌ଏନ୍‌ଏସ୍: ନରସିଂହପୁର ବ୍ଲକ୍‌ର ବଡଭୁଇଁ ପଞ୍ଚାୟତ ଜୟପୁର ଦୁର୍ଗମ ଅଞ୍ଚଳରେ ଆରମ୍ଭ ହୋଇଛି ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ । ଏହି ଶିବିରକୁ ସରପଞ୍ଚ ବାଇଧର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ପରେ ଜୟପୁର ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଞ୍ଜୟ କୁମାର ପରିଡ଼ା, ବୈକୁଣ୍ଠ ନାଥ ବେହେରା, ମୋହନ ଚରଣ ସାହୁ, (ସ୍ୱାସ୍ଥ୍ୟ ପରିଦର୍ଶକ), ରାଜୀବ ଲୋଚନ ରଣା, ସୁଜାତା ପାଲ ଓ ବଡଭୁଇଁ ଗ୍ରାମ ପଞ୍ଚାୟତର ସମସ୍ତ ଆଶାକର୍ମୀ ପ୍ରମୁଖ ସେହି ଗ୍ରାମର ଘର ଘର ବୁଲି ସମସ୍ତ ଲୋକଙ୍କର ମ୍ୟାଲେରିଆ ରକ୍ତ ନମୂନା ସଂଗ୍ରହ କରିଥିଲେ । ମଙ୍ଗଳବାର ଗ୍ରାମର ଶହେ ଲୋକଙ୍କର ରକ୍ତ ନମୁନା ସଂଗ୍ରହ ହୋଇଥିବା ବେଳେ ତିନି ଦିନରେ ଗ୍ରାମର ସମସ୍ତ ଲୋକଙ୍କର ମ୍ୟାଲେରିଆ ରକ୍ତ ନମୁନା ସଂଗ୍ରହ ହେବ ବୋଲି କାନ୍‌ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଦେବାଶିଷ ଜେଠୀ ସୂଚନା ଦେଇଛନ୍ତି ।

ବୟସ୍କଙ୍କ ସୁଖଦୁଃଖ ବୁଝିଲେ ସଞ୍ଜୟ

ନୟାଗଡ଼,୧୨।୧/ଏନ୍‌ଏନ୍‌ଏସ୍: ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଆଜି ନୟାଗଡ଼ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ । ଏଥିସହ ନୟାଗଡ଼ ଉପକଣ୍ଠରେ ଥିବା ବୃଦ୍ଧାଶ୍ରମରେ ପହଞ୍ଚି ବୟସ୍କଙ୍କ ସୁଖଦୁଃଖ ବୁଝିଥିଲେ । ନୟାଗଡ଼ର ଶାନ୍ତି ଚାରିଟେବୁଲ୍ ଟ୍ରଷ୍ଟ, ରୋଟାରୀ କ୍ଲବ୍ ଓ ରେଡ୍‌କ୍ରସ୍ ସୋସାଇଟ୍ ଦ୍ୱାରା ଦ୍ୱାରା ପରିଚାଳିତ ହେଉଥିବା ଏହି ବୃଦ୍ଧାଶ୍ରମରେ ଅନ୍ତେବାସୀମାନେ କିପରି ସମୟ ବିତାଉଛନ୍ତି, ସେ ନେଇ କି ବ୍ୟବସ୍ଥା କରାଯାଇଛି, ତାହା ପଚାରି ବୁଝିଛନ୍ତି । ନୟାଗଡ଼ ବିଧାୟକ ତଥା ରାଜ୍ୟ ସରକାରଙ୍କ କୃଷି ଓ କୃଷକ ଶସକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଉପସ୍ଥିତ ରହି ବୃଦ୍ଧାଶ୍ରମର ସମସ୍ତ ଗୃହ, କାର୍ଯ୍ୟରତ ଥିବା ପ୍ଲେ ସ୍କୁଲ୍ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ପରିଚାଳନା କର୍ତ୍ତୃପକ୍ଷ ମଧ୍ୟ ଉପସ୍ଥିତ ରହିଥିଲେ ।

ନବନିର୍ମାଣ କୃଷକ ସଂଗଠନର ବୈଠକ

ଖଣ୍ଡପଡା,୧୨।୧/ଏନ୍‌ଏନ୍‌ଏସ୍: ସହରର ମା' ଉମାଦେବୀଙ୍କ ପୀଠରେ ନବନିର୍ମାଣ କୃଷକ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବ୍ଲକ୍ ଶାଖା ପକ୍ଷରୁ ଆୟୋଜିତ ଏହି ବୈଠକରେ କୃଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କେନ୍ଦ୍ର ସରକାର କୃଷକମାନଙ୍କ ନିମନ୍ତେ ଲାଗୁ କରିଥିବା ଆଇନ୍‌କୁ ତୁରନ୍ତ ରଦ୍ଦ କରିବା ଦାବିରେ ଆସନ୍ତା ୧୫ରେ ଦିଲ୍ଲୀଚଲୋ ଅଭିଯାନକୁ ସଫଳ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏପରିକି କେନ୍ଦ୍ର ସରକାର ଲାଗୁ କରିଥିବା କୃଷି ଆଇନ୍‌କୁ ବିରୋଧ କରି ଆଗାମୀ ଦିନରେ ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରରେ ଆନ୍ଦୋଳନକୁ ଜୋର୍‌ଦାର୍ କରାଯିବ ବୋଲି ସଂଗଠନର ସଦସ୍ୟ/ସଦସ୍ୟାମାନେ ମତ ରଖିଥିଲେ । ନୟାଗଡ଼ ଜିଲ୍ଲା ସଂଯୋଜିକା ମମତା ନାଥ, ରଣଜିତ ଦଳବେହେରା, ନିରଞ୍ଜନ ସ୍ୱାଇଁ, କାହ୍ନୁ ଚରଣ ଗୋଛି, ଚକ୍ରଧର ସାହୁ, ବିପିନ ବାରିକ, ପବିତ୍ର ଭୋଳ, ଶ୍ୟାମସୁନ୍ଦର ନାୟକ ପ୍ରମୁଖ କୃଷକ ନେତାମାନେ କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତିକୁ କଟୁ ସମାଲୋଚନା କରିଥିଲେ ।

ଡବଲ ମର୍ଡର ଘଟଣା: ଆଉ ଜଣେ କୋର୍ଟଚାଲାଣ

ମାହାଙ୍ଗା /କୋଠପଦା,୧୨।୧/ଏନ୍‌ଏନ୍‌ଏସ୍: ସାରା ରାଜ୍ୟରେ ଚହଳ ପକାଇଥିବା ମାହାଙ୍ଗା ଡବଲ ମର୍ଡର ଘଟଣାର ଅନ୍ୟ ଜଣେ ଅଭିଯୁକ୍ତକୁ ରାଉରକେଲାରୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି । ପୁଲିସର ଏକ ଟିମ୍ ରାଉରକେଲାରେ ଚଢ଼ଉ କରି ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁଙ୍କୁ ଗିରଫ କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କୋଭିଡ୍ ଟେଷ୍ଟ କରାଇଥିଲା । ପରେ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି । ଏହି ଘଟଣାରେ ମୋଟ ୮ ଜଣ ଅଭିଯୁକ୍ତ ଗିରଫ ହୋଇ କୋର୍ଟଚାଲାଣ ହୋଇସାରିଲେଣି । ଏଥିସହ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଚଢ଼ଉ ଜୋରଦାର ଚାଲିଥିବା ଜଣାଯାଇଛି ।

ନକଲି ଘିଅ...

ପାରିନଥିଲେ । ଏନେଇ ପୁଲିସ ଅଭିମନ୍ୟୁଙ୍କ ବିରୋଧରେ କେସ୍ ନଂ. ୧୮/୨୧ରେ ଆଇପିସି ଧାରା ୪୨୦/ ୪୬୮/ ୨୭୨/ ୨୭୩, ୭୮/୭୯ ଟ୍ରେଡ୍ ଆଣ୍ଡ୍ ମର୍ଚ୍ଚାଣ୍ଡାଇଜ୍ ଆଇନ ୧୯୫୮, ୧୦୧/୧୦୨/୧୦୩/୧୦୪ ଟ୍ରେଡ୍‌ମାର୍କ ୧୯୯୯ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି । ସୁନ୍ଦରପଦା ତ୍ରିଲୋଚନ ବିହାରରେ ଅଭିମନ୍ୟୁ ପୃଷ୍ଟିଙ୍କର ଏକ ତିନିମହଲା କୋଠା ରହିଛି । କୋଠାର ତଳ ମହଲାରେ ଏହି ନକଲି ଘିଅ କାରଖାନା ଦୀର୍ଘଦିନ ହେବ ଚାଲିଆସୁଥିଲା । ପରେ ଏହି ଘିଅକୁ ନେଇ ଭୁବନେଶ୍ୱର ସମେତ ଖୋର୍ଦ୍ଧା ଓ କଟକ ଅଞ୍ଚଳରେ ବିକ୍ରି କରାଯାଉଥିଲା । ଏସମ୍ପର୍କରେ କମିଶନରେଟ୍ ପୁଲିସ ଖବରପାଇଥିଲା । ଏୟାରଫିଲ୍ଡ ଥାନା ପୁଲିସ ଓ କୁଇକ୍ ଆକ୍ସନ୍ ଟିମ(କ୍ୟୁଏଟି) ମିଳିତ ଭାବେ ମଙ୍ଗଳବାର ଉକ୍ତ କାରଖାନାରେ ଚଢ଼ଉ କରିଥିଲେ । ପୁଲିସ ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରତୀକ୍ଷା ଦାସମହାପାତ୍ର ଓ ତାଙ୍କ ସହଯୋଗୀମାନେ ପହଞ୍ଚି ଘିଅକୁ ଯାଞ୍ଚ କରିଥିଲେ । ପ୍ରସ୍ତୁତ ଘିଅ ପ୍ୟାକେଟ୍‌ରେ ଦୁର୍ଗା, ବାଲାଜୀ, କ୍ରିଷ୍ଣା ବ୍ରାଣ୍ଡ ଭଳି ବଡ଼ବଡ଼ କମ୍ପାନୀର ଲୋଗୋ ଲଗାଯାଇ ନକଲି ଘିଅ ବଜାରରେ ବିକ୍ରି କରାଯାଉଥିଲା । ଚଢ଼ଉ ସମୟରେ କାରଖାନା ମଧ୍ୟରୁ ବିପୁଳ ପରିମାଣର ନକଲି ଘିଅ, କେମିକାଲ୍ , କଞ୍ଚାମାଲ ଓ ଯନ୍ତ୍ରପାତି ଜବତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ କଟକରେ ଏହି ଭଳି ନକଲି ଘିଅ କାରଖାନା ଠାବ ହୋଇଥିଲା । ଏହାପରେ କମିଶନରେଟ୍ ପୁଲିସ ଏନ୍‌ଫୋର୍ସମେଣ୍ଟ ତୀବ୍ର କରିଥିଲା ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ODISHA STATE HOUSING BOARD
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ର ସଂଖ୍ୟା-୦୨ **ବିଜ୍ଞାପନ** ତା.୦୫.୦୧.୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାସନ୍ତୀ କଲୋନୀ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ. ଇ.ଏମ୍-୩୬ (**EM-36**) କୁ ଶ୍ରୀମତୀ ପ୍ରିୟଦର୍ଶିନୀ ପାତ୍ର, ପି-ବିଷ୍ଣୁ ନାରାୟଣ ପାତ୍ର, ଗ୍ରା-ଦେଓଗାଁ, ପୋ-ରାଉରକେଲା-୪, ଥା-ରଘୁନାଥପାଲି, ଜି-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀମତୀ ପ୍ରିୟଦର୍ଶିନୀ ପାତ୍ର ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରିଣ ଆଧାରରେ ଗୁରୁଦୀପ ସିଂହ ସୋହାଲ, ପି-ମୋହିନ୍ଦର ସିଂହ ସୋହାଲ, ଘର ନଂ-୧୭୬, ଫେଜ୍-୩, ଅର୍ବାନ୍ ଇଷ୍ଟେଟ୍ ଡୁଗୁରୀ, ପୋ/ଥା-ଡୁଗୁରୀ, ଲୁଧିଆନା, ଜି-ଲୁଧିଆନା (ପଞ୍ଜାବ)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ଆବଣ୍ଟନ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

GOVERNMENT OF ODISHA
OFFICE OF THE EXECUTIVE ENGINEER, MALKANGIRI(R&B) DIVISION, MALKANGIRI
e-Procurement Notice
Bid Identification No. E.E.(R&B)-MLK-10/2020-21
No.126 **Date. 08.01.2021**

1. Name of the work	Road works
2. Total No. of Works	05 Nos.
3. Estimated cost	Rs.10.60 to 44.25 lakhs
4. Period of completion	03(Three) months
5. Date & time of availability of bid document in the portal	From 11.00 hrs. of 18.01.2021 to 16.00 hrs. of 27.01.2021
6. Last date / Time for receipt of bids in the Portal	16.00 hours of 27.01.2021
7. Date of opening of Tender	11.00 hours of 28.01.2021
8. Name and address of the Officer Inviting Bid	Executive Engineer, Malkangiri(R&B) Division

Further details can be seen from the e-procurement portal https://tendersorissa.gov.in

Sd/- Executive Engineer
Malkangiri(R&B) Division
OIPR-34063/11/0008/2021
B-640

WATER AND LAND MANAGEMENT INSTITUTE
(An Autonomous Training Institute under DOWR, Govt. of Odisha)
Pratapnagari, Telengapentha, Cuttack, Odisha, Pin – 754001.
(0671)2586426, 2586432, Fax-:2586430
Email_Id: walmi_orissa@rediffmail.com
Website: www.walmiodisha.com or www.walmi odisha.org.
A-461

No.WALMI- **Dt.**
EoI No. 01/ 2020-21
EXPRESSIONS OF INTEREST (EoI)

Water And Land Management Institute is planning to provide consultancy services from professional agencies for "Sloped roof water proofing protection / treatment measures both top & bottom of the roof of the buildings of WALMI". Agencies having experience in such services are invited to submit their EoIs by 1700 Hrs on dt. 25.01.2021. Please visit our Website : www.walmiodisha.com or www.walmiodisha.org for detailed Terms of Reference (ToR).

Sd/-
Deputy Director, WALMI
OIPR-32212/11/0007/2021

N.A.C, Digapahandi, Gm.
NOTIFIED AREA COUNCIL, DIGAPAHANDI
NOTICE INVITING BIDS (NIB) THROUGH e-procurement
BID IDENTIFICATION NO.: - DIGNAC-04/2020-21
NIB No.35/DIGNAC. dtd. 11.01.2021

1.	Procurement Officer - Publisher / Officer Inviting the Tender / Bids (OIT)	Executive Officer, N.A.C., Digapahandi
2.	Name of the works / Packages	Civil Works
3.	Nos. of Works	2 Nos.
4.	Estimated Cost (Approx.) of the Works	Rs. 6962985/- to Rs. 7882287/-
5	Period of Availability of the Bid Documents / Tenders for On-line BIdding	From 11.00 AM hrs. of dtd. 12.01.2021 to 17.00 PM hrs. of dtd. 27.01.2021
6	Last Date & Time for Bidding On-Line (submission of Technical Bids & Financial Bids	17.00 PM hrs. of dtd. 27.01.2021
7	Last Date & Time for Submission of the Sealed Envelopes through Speed Post / Regd. Post with A.D. containing the EMD, Cost of the Bid Documents, ABS (if reqd.), Documents as asked for to fulfill the Eligibility Criteria of the Bidders for each Work.	17.00 PM hrs. of dtd. 30.01.2021
8	Date & Time of Opening of the Bids	12.00 PM hrs. Onwards on dtd. 01.02.2021

N.B.:- Further more details can be seen in the DTCN available in the e-Procurement Portal i.e. **http://tendersodisha.gov.in**

Sd/- Executive Officer
N.A.C., Digapahandi